# କରୋନା ଯୁଦ୍ଧରେ ସିଫା ବୈଜ୍ଞାନିକ

ପିପିଲି,୨୩।୭(ନି.ପ୍ର): କୌଶଲ୍ୟାଗଙ୍ଗସ୍ଥିତ କେନ୍ଦ୍ରୀୟ ମଧୁରଜଳ ଜୀବପାଳନ ଅନୁସନ୍ଧାନ ସଂସ୍ଥା (ସିଫା)ର ପ୍ରତିଷ୍ଠିତ ବୈଜ୍ଞାନିକ  ସାମ୍ପ୍ରତିକ ମହାମାରୀ କରୋନା ସମୟରେ ନିଜର ବୈଜ୍ଞାନିକ ଜ୍ଞାନକୁ ପ୍ରତ୍ୟକ୍ଷ ଭାବେ କୋଭିଡ୍-୧୯ ସେବା କାର୍ଯ୍ୟକ୍ରମରେ ନିୟୋଜିତ କରିପାରିଛନ୍ତି। ରାଷ୍ଟ୍ର ପ୍ରତି ଥିବା କର୍ତ୍ତବ୍ୟକୁ ପ୍ରତିପାଦିତ କରିବା ପାଇଁ ସେମାନେ ଜଟଣୀଠାରେ ଥିବା ପାଦ ଓ ମୁଖ ରୋଗର ଅନ୍ତର୍ଜାତୀୟ ଗବେଷଣାଗାରରେ ଆର୍‌ଟିପିସିଆର୍ ପଦ୍ଧତିରେ ଓଡ଼ିଶା ସରକାରଙ୍କ ଦ୍ୱାରା ସଂଗୃହୀତ କୋଭିଡ୍ ନମୁନା ବିଶ୍ଳେଷଣ କରି ରୋଗୀ ଚିହ୍ନଟ ପ୍ରକ୍ରିୟାରେ ନିଜକୁ ନିୟୋଜିତ କରିଛନ୍ତି। ନିଜ ପରିବାର ପରିଜନଙ୍କଠାରୁ ଦୂରରେ ରହି ବିଗତ କିଛିଦିନ ହେବ ସିଫାର ବୈଜ୍ଞାନିକମାନେ କୋଭିଡ୍ ନମୁନା ପରୀକ୍ଷା ପାଇଁ ପର୍ଯ୍ୟାୟକ୍ରମେ ଡେପୁଟେସନରେ ଯାଉଥିବା ସୂଚନା ମିଳିଛି।



ଗତ ମେ ୧୫ରୁ ୩୦ ତାରିଖ ପର୍ଯ୍ୟନ୍ତ ପ୍ରଥମ ପର୍ଯ୍ୟାୟରେ ସିଫାର ବୈଜ୍ଞାନିକ ଡ. ପ୍ରମୋଦ କୁମାର ସାହୁ, ଡ. ଜ୍ୟୋତି ମହାନ୍ତି, ଡ. ଆଶିଷ ଶାହା ଓ ଡ. ମୃଣାଳ ସାମନ୍ତ ଏବଂ ଜୁଲାଇ ୧ରୁ ୧୮ ପର୍ଯ୍ୟନ୍ତ ଦ୍ୱିତୀୟ ପର୍ଯ୍ୟାୟରେ ବୈଜ୍ଞାନିକ ମୋହନ ବାଡେ, କିରନ ରସାଲ ପ୍ରମୁଖ କୋଭିଡ୍ ପରୀକ୍ଷା କରି ଫେରିଛନ୍ତି। ସେହିପରି ତୃତୀୟ ପର୍ଯ୍ୟାୟରେ ଜୁଲାଇ ୨୧ରୁ ବୈଜ୍ଞାନିକ ଅନିର୍ବାଣ ପାଲ, ଉଦୟ କୁମାର ଉଦିତ, ସତ୍ୟନାରାୟଣ ସାହୁ ପ୍ରମୁଖ ଏହି ସେବାକାର୍ଯ୍ୟ ଜାରି ରଖିଛନ୍ତି।

ସିଫାର ମତ୍ସ୍ୟ ସ୍ୱାସ୍ଥ୍ୟ ପରିଚାଳନା ବିଭାଗର ପ୍ରମୁଖ ବୈଜ୍ଞାନିକ ଡ. ମୃଣାଳ ସାମନ୍ତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସେବା କାର୍ଯ୍ୟ ପରିଚାଳିତ ହେଉଛି। ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସିଫାର ବୈଜ୍ଞାନିକ ଓ କର୍ମଚାରୀ ସମାଜ ପ୍ରତି ସେମାନଙ୍କ କର୍ତ୍ତବ୍ୟକୁ ବିଭିନ୍ନ ସେବା ମାଧ୍ୟମରେ ପ୍ରତିପାଦିତ କରି ଆସୁଥିବା ବେଳେ ଏହି ସେବାକାର୍ଯ୍ୟ ଆଗାମୀ ଦିନରେ ମଧ୍ୟ ଚାଲୁ ରହିବ ବୋଲି ସିଫାର ନିର୍ଦ୍ଦେଶକ  ଡ. ସରୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି। ସିଫା ବୈଜ୍ଞାନିକଙ୍କ ଏହି ସେବାକୁ ବିଭିନ୍ନ ମହଲରେ ପ୍ରଶଂସା କରାଯାଇଛି।